# ମଧୁର ଜଳରେ ମୋତି ଗୃଷ




ବିଷୟ ବସ୍ତୁ

ଡ. ସୁନୀଲ କୁମାର ମହାପାତ୍ର

ଡ. ସୁଭାଶିଷ ଦାସ

ବିଜୟ କୁମାର ରାଉତରାୟ

ସଂପାଦନା

ଡ. ସୁନୀଲ କୁମାର ମହାପାତ୍ର

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



କୃଷି ବିଜ୍ଞାନ କେନ୍ଦ୍ର, ଯାଜପୁର

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

**ଆଲେଖ୍ୟ :**

ଡ. ସୁନୀଲ୍ କୁମାର ମହାପାତ୍ର
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ
ଡ.ସୁଭାଶିଷ ଦାସ
ବୈଜ୍ଞାନିକ ମୃତ୍ତିକା ବିଭାଗ
ବିଜୟ କୁମାର ରାଉତରାୟ
ବୈଜ୍ଞାନିକ ଶସ୍ୟ ସଂରକ୍ଷଣ

**ସଂପାଦନା :**

ଡ. ସୁନୀଲ କୁମାର ମହାପାତ୍ର
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

**ପ୍ରକାଶକ :**

କୃଷି ବିଜ୍ଞାନ କେନ୍ଦ୍ର, ଯାଜପୁର, ବଡଚଣା

**ପ୍ରଥମ ସଂସ୍କରଣ : ୨୦୨୩**

ମୁଦ୍ରଣ : ଶ୍ରୀମା ଗ୍ରାଫିକ୍ସ, ଶହୀଦ ନଗର, ଭୁବନେଶ୍ୱର

# ମଧୁର ଜଳରେ ମୋତି ଚାଷ







-: ବିଷୟବସ୍ତୁ :-

**ଡ. ସୁନୀଲ କୁମାର ମହାପାତ୍ର**

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

**ଡ.ସୁଭାଶିଷ ଦାସ**

ବୈଜ୍ଞାନିକ ମୃତ୍ତିକା ବିଭାଗ

**ବିଜୟ କୁମାର ରାଉତରାୟ**

ବୈଜ୍ଞାନିକ ଶସ୍ୟ ସଂରକ୍ଷଣ

-: ସମ୍ପାଦନା :-

**ଡ. ସୁନୀଲ କୁମାର ମହାପାତ୍ର**

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



## କୃଷି ବିଜ୍ଞାନ କେନ୍ଦ୍ର, ଯାଜପୁର

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ମଧୁର ଜଳରେ ମୋତିଚାଷ

ଓଡ଼ିଶାର ଉପକୂଳବର୍ତ୍ତି ଅଞ୍ଚଳରେ ସାଧାରଣତଃ ମଧୁର ଜଳରେ ମୋତିଚାଷ କରାଯାଏ । ଏହା ଦୁଇ ପ୍ରକାରର ଦେଖାଯାଏ । (୧) ଗୋଲ ମୋତି (୨) ଡିଜାଇନର ମୋତି । ଭାରତ ଉପମହାଦେଶରେ ମିଳୁଥିବା ମଧୁର ଜଳ ଶାମୁକା-

**ଲାମେଲିଡେନ୍ ମାର୍ଜିନାଲିସ୍ :** କେବଳ ମୁକ୍ତା ଉତ୍ପାଦନ ପାଇଁ ବ୍ୟବହୃତ ନ ହୋଇ ମଣିଷର ଖାଦ୍ୟ, ଛୋଟ ଜୀବମାନଙ୍କର ଖାଦ୍ୟ, ବୋତାମ, ଔଷଧ, ଚୂନ ଓ ସୌନ୍ଦର୍ଯ୍ୟ ଉପଚାର ସାମଗ୍ରୀ ପ୍ରସ୍ତୁତି ନିମେନ୍ତ ମଧ୍ୟ ବ୍ୟବହାର କରାଯାଇ ପାରିବ । ଏହା ଗ୍ରାମୀଣ ତଥା ସହରାଞ୍ଚଳର ମଧୁର ଜଳରାଶିରୁ ମିଳିଥାଏ । ଲାମେଲିଡେନ୍ ନଗୋଟି ପ୍ରଜାତିରେ ମିଳୁଥିବା ବେଳେ ନଦୀରେ ମିଳୁଥିବା ପେରେସିଆ ଶାମୁକା ୩୫ଟି ପ୍ରଜାତିରେ ମିଳିଥାଏ । **ଲମେଲିଡେନ୍ ମାର୍ଜିନାଲିସ, ଲାମେଲିଡେନ୍ କୋରିଆନ୍** ଓ **ପେରେସିଆ କୋରୁଗାଟା** ସାଧାରଣତଃ ମଧୁରଜଳ ମୁକ୍ତା ଉତ୍ପନ୍ନ ପାଇଁ ବ୍ୟବହାର କରାଯାଇଥାଏ ।

ଗୋଲ ମୋତି ଚାଷ ଭାରତ ବାହାରେ ଚାଷ କରାଯାଏ । କିନ୍ତୁ ଡିଜାଇନର ମୋତି ଚାଷ ଆମ ଭାରତରେ ବହୁଳ ପରିମାଣରେ ଚାଷ କରାଯାଇ ପାରୁଛି । ଡିଜାଇନର ମୋତି ସାଧାରଣତଃ ଭାରତ ଓ ବାଂଲାଦେଶ ପ୍ରଭୃତି ଦେଶମାନଙ୍କରେ ଚାଷ କରାଯାଏ ।

## ମୋତିଚାଷ ପାଇଁ ଜଳର ଗୁଣ କିପରି ହେବା ଦରକାର:

ମୋତି ଚାଷ ପାଇଁ ପୋଖରୀର ଜଳ ପ୍ରଥମେ ପରୀକ୍ଷା କରାଯାଏ ଜଳର ପିଏଚ୍ ୭.୦-୭.୫ ଓ ଆମୋନିଆ '୦' ହେବା ଦରକାର । ଏହି ମାତ୍ରା ଠାରୁ ଅଧିକ ପିଏଚ୍ ହୋଇଗଲେ ଚୂନ ଏକ ହେକ୍ଟର ପୋଖରୀ ପାଇଁ ୨୦୦ କେଜି ବର୍ଷକୁ ପ୍ରୟୋଗ କରି ପିଏଚ୍ ମାତ୍ରାକୁ ନିୟନ୍ତ୍ରଣ କରାଯାଇ ପାରିବ । ମଧୁର ଜଳରେ ମୋତି ଚାଷ କରାଯାଏ । ମୋତି ଚାଷ ପାଇଁ ପୋଖରୀର ବୟସ ୩ ବର୍ଷ କିମ୍ବା ୩ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବା ଦରକାର । ପୋଖରୀର ତଳଭାଗରେ ମାଟି ଓ କାଦୁଆ ପରିବେଶ ରହିଥିବା ଉଚିତ୍ ଏବଂ ପୋଖରୀର ମଧ୍ୟକୁ ପାଣି ଆସିବା ଓ ନିଷ୍କାସନର ସୁବିଧା ଅତ୍ୟନ୍ତ ଆବଶ୍ୟକ ।

## ମୋତି ଚାଷ ପାଇଁ କେଉଁକେଉଁ ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ ।

ମୋତି ଚାଷ ପାଇଁ ପ୍ରଥମେ ଶାମୁକା ସଂଗ୍ରହ କରାଯାଏ । ଏହା ସାଧାରଣତଃ ପୋଖରୀ ମାନଙ୍କରୁ ମିଳିଥାଏ । ପ୍ରତ୍ୟେକ ଶାମୁକାର ଲମ୍ବ ୮-୧୦ସେ.ମି. ଓ ଓଜନ ପ୍ରାୟ ୫୦ଗ୍ରାମ୍ ହେବା ଆବଶ୍ୟକ । ଶାମୁକା ମଧ୍ୟ ହ୍ୟାଚେରୀ ମାନଙ୍କରୁ ସଂଗ୍ରହ କରଯାଏ । ଏହି ହ୍ୟାଚେରୀଗୁଡ଼ିକ କଲିକତା, ହାଇଦ୍ରାବାଦ ଓ ମୁମ୍ବାଇ ସହରମାନଙ୍କରେ ଅଛି । ପ୍ରତ୍ୟେକ ପୋଖରୀରେ ୨ଇଞ୍ଚ ବ୍ୟାସର ବାଉଁଶ ଦ୍ୱାରା ଭାଡି କରିଦିଆଯାଏ ।ଭାଡିରୁ ନାଇଲନ୍ ବ୍ୟାଗ ଗୁଡ଼ିକ ଝୁଲୁଥାଏ । ପ୍ରତ୍ୟେକ ବ୍ୟାଗ ଭିତରେ ଦୁଇଟି ଶାମୁକା ରହି ସ୍ୱଚ୍ଛନ୍ଦରେ ନିଶ୍ୱାସ ପ୍ରଶ୍ୱାସ ନେବା ଓ ଖାଦ୍ୟ ଖାଇବାର ବ୍ୟବସ୍ଥା ରହିଥାଏ । ସେହି ଶାମୁକା ଗୁଡ଼ିକୁ ପ୍ରତ୍ୟେକ ନାଇଲନ୍ ବ୍ୟାଗ ମଧ୍ୟରେ ଦୁଇଟି କରି ରଖାଯାଏ । ପ୍ରତ୍ୟେକ ଏକ ମିଟର ଗଭୀରରେ ପାଣି ମଧ୍ୟରେ ଝୁଲାଇ ରଖାଯାଏ । ଏହିପରି ହିସାବରେ ପ୍ରତି ହେକ୍ଟର ପିଛା ୫୦,୦୦୦-୭୫,୦୦୦ଟି ଶାମୁକା ପାଳନ କରାଯାଇ ପାରିବ ।

ପୋଖରୀରେ ବଢୁଥିବା ପ୍ଲବକ, ଶାମୁକା ପାଇଁ ଉପଯୁକ୍ତ ଖାଦ୍ୟ ଅଟେ । ସାମୟିକ ଭାବେ ସବୁଜ ପାଣି (କ୍ଲୋରେଲା, କ୍ଲୋରୋକୋକମ୍, ସିନେଡେସ୍‌ମସ୍)କୁ ପୋଖରୀରେ ଯୋଗାଇ ଦେବା ଦ୍ୱାରା ସାମୁକା ଗୁଡିକୁ ସୁଖାଦ୍ୟ ମିଳିଥାଏ ଓ ମୁକ୍ତା ଉତ୍ତୋଳନ ଉତ୍ତମ ହୋଇଥାଏ । ଯେଉଁ କ୍ଷେତ୍ରରେ ପୋଖରୀର ସୁବିଧା ନାହିଁ, ସେଠାରେ ଏଫ୍‌ଆରପି ଟାଙ୍କି ବା ଆକ୍ୱାରିୟମରେ ବାୟୁ ସଂଚଳନ ଓ ଖାଦ୍ୟ ଯୋଗାଇ ସ୍ୱଳ୍ପ ପରିମାଣରେ ଶାମୁକାକୁ ପାଳନ କରାଯାଇ ପାରିବ ।

## ଅସ୍ତ୍ରୋପଚାର ପଦ୍ଧତି

ଶାମୁକା ସଂଗ୍ରହ କଲା ପରେ ଏହାକୁ ସଫା ପାଣିରେ ଭଲଭାବରେ ଧୋଇଦେବା ଦରକାର । ଏହାପରେ ଏକ କୁଣ୍ଡରେ ଶାମୁକା ଗୁଡ଼ିକୁ ଛାଡିଦେଇ ସେଥିରେ ହଳଦୀ ପାଉଡର ସିଞ୍ଚନ କରି ଚିକିତ୍ସା କରାଯାଏ । ଏହା ଆଣ୍ଟିବାୟୋଟିକ୍ ପରି କାମ କରେ ଓ ଶାମୁକାରେ ଥିବା ଜୀବାଣୁ ନଷ୍ଟ ହୋଇଯାଏ । ସୁସ୍ଥ ଶାମୁକା ଗୁଡ଼ିକୁ ପୋଖରୀରେ ଛଡାଯାଏ । ପାଣିରେ ଶାମୁକା ଗୁଡ଼ିକୁ ଛାଡିବାର ୧-୨ ଦିନ ପରେ ଅସ୍ତ୍ରୋପଚାର କରାହୁଏ । ପ୍ରତ୍ୟେକ ଶାମୁକାକୁ ସାବଧାନତାର ସହିତ ଧରି ଗୋଟିଏ ଚିମୁଟା ମାଧ୍ୟମରେ

ଦୁଇ ଖେଳାପାକୁ ୦.୮-୧.୦ସେ.ମି ଓସାରରେ ଖୋଲି ଦିଆଯାଇଥାଏ । ଏହି ଅବସ୍ଥାରେ ଶାମୁକାକୁ ଅସ୍ତ୍ରୋପଚାର ନିମିତ୍ତ ଚିମୁଟା ମଧ୍ୟରେ ରଖାଯାଏ । ଶାମୁକାର ଆଗପାଖରେ ଥିବା ଝିଲ୍ଲୀ ବା ପରଦାର ମଝି ଅଂଶକୁ ସତର୍କତାର ସହିତ ଆସ୍ତେ ଆସ୍ତେ ଛିଡାଇ ଦିଆଯାଏ । ଆକୃତିଧାରୀ ନାଭିକେନ୍ଦ୍ର ବା ବାହ୍ୟ ବସ୍ତୁଟିକୁ ପତଳା ଚିମୁଟା ସାହାଯ୍ୟରେ ଶାମୁକାର ଝିଲ୍ଲୀ ଗର୍ଭ ମଧ୍ୟକୁ ରଖାଯାଇ ଧିରେଧିରେ ପଶାଯାଏ ଯେପରି ଗହ୍ୱର ମଧ୍ୟରେ ସ୍ଥାପନ ହୋଇ ପାରିବ । ଉଠାଯାଇଥିବା ଚମଡା ଝିଲ୍ଲୀ ବା ପରଦାଟିକୁ ବନ୍ଦ କରିଦିଆଯାଏ । ଏହି ପ୍ରଣାଳୀ ମାଧ୍ୟମରେ ଶାମୁକାର ଅପର ପାଖ ଝିଲ୍ଲୀ ଗର୍ଭରେ ବାହ୍ୟ ବସ୍ତୁ ରୋପଣ କରାଯାଏ । ଶାମୁକାକୁ ଅପରେସନ୍ ପରେ ୮ ମାସରୁ ୧୨ ମାସ ପର୍ଯ୍ୟନ୍ତ ପାଳନ ପୋଖରୀରେ ରଖାଯାଏ ।

## ଅସ୍ତ୍ରୋପଚାରର ପରବର୍ତ୍ତୀ ଯତ୍ନ:

ଶାମୁକା ମଧ୍ୟରେ ବାହ୍ୟବସ୍ତୁ ବା ନାଭିକେନ୍ଦ୍ରଟିକୁ ସ୍ଥାପନ କରିସାରିବା ପରେ ଶାମୁକା ଗୁଡ଼ିକୁ 'ଅପରେସନ୍ ପରିବର୍ତ୍ତୀ ଯତ୍ନ' ଖୁଆଡରେ ରଖାଯାଏ ।

ଶାମୁକା ପେଟ ପାଖକୁ ଉପର କରି ନାଇଲନ୍ ବ୍ୟାଗ(୩୦ସେମି × ୧୨ସେମି) ମଧ୍ୟରେ ଅପରେସନ୍ ହୋଇଥିବା ଶମୁକାକୁ ୨ଟି ଲେଖାଏଁ ରଖାଯାଏ । ଏହିପରି ଭାବରେ ୭-୧୦ ଦିନ ପର୍ଯ୍ୟନ୍ତ ରଖାଯାଏ ।

ଏହାର ଖାଦ୍ୟ ଭାବେ  କିଛି 'ସବୁଜ ପାଣି' ଦିଆଯାଏ । ଏହି 'ସବୁଜ ପାଣି' ଶାମୁକାକୁ ଖାଦ୍ୟ ଯୋଗାଇଥାଏ ।

ଏତଦ୍ ବ୍ୟତୀତ ଟାଙ୍କିରେ କିଛି ଆଣ୍ଟିବାୟୋଟିକ୍ ଯଥା 'କ୍ଲୋରାମ୍ ଫେନିକଲ୍' ପ୍ରୟୋଗ କରାଯାଏ । ପ୍ରତ୍ୟେକ କୁଣ୍ଡ ବା ଟାଙ୍କିରେ ୧-୨ ପିପିଏମ୍‌ର ଆଣ୍ଟିବାୟୋଟିକ୍ ଦିଆଯାଏ । ଏହି ଆଣ୍ଟିବାୟୋଟିକ୍, ଶାମୁକାର ଘା' ଶୁଖାଇବାରେ ସାହାଯ୍ୟ କରେ ।

ପ୍ରତ୍ୟେକ ଦିନ ଶମୁକାମାନଙ୍କୁ ପରୀକ୍ଷା ନିରୀକ୍ଷା କରାଯାଏ । ମୃତ ଶାମୁକା ବା ଯେଉଁ ଶାମୁକାରୁ ନାଭିକେନ୍ଦ୍ର ବାହାରି ଯାଇଥାଏ ତାକୁ ନାଇଲନ୍ ବ୍ୟାଗ୍‌ରୁ ବାହାର କରିଦିଆଯାଏ ।

ଏହି ୭-୧୦ଦିନ ପରେ ସମସ୍ତ ଜୀବନ୍ତ ଓ ସୁସ୍ଥ ଶାମୁକାକୁ ପାଳନ ପୋଖରୀକୁ ସ୍ଥାନ୍ତରିତ କରାଯାଏ ଓ ସେଠାରେ ପାଳନ ପାଇଁ ରଖାଯାଏ ।

## ସତର୍କତା:

❖ ଅସ୍ତ୍ରୋପଚାର ନିମେନ୍ତ କେବଳ ସୁସ୍ଥ ଓ ବଡ଼ ଶାମୁକା ଚୟନ କରିବାକୁ ହୁଏ ।

❖ ଏଥିପାଇଁ ଅତ୍ୟନ୍ତ ସତର୍କତା ରହିବାକୁ ପଡେ, ଯେପରିକି ଶାମୁକା ମଧ୍ୟରେ କ୍ଷତ ନହୁଏ ।

❖ ବଳପୂର୍ବକ ଶାମୁକାକୁ ଖୋଲାଯାଏ ନାହିଁ ।

❖ ଏକ ସେମିରୁ ଅଧିକ ଖୋଲିବା ଦ୍ୱାରା ଶାମୁକାର ମାଂସପେଶୀ ଛିଣ୍ଡିଯାଏ ।

❖ ବ୍ୟବହାର କରିବା ପୂର୍ବରୁ ଓ ପରେ ଶଲ୍ୟ ଉପକରଣ ଗୁଡ଼ିକୁ ଭଲଭାବେ ସଫାକରି ଜୀବାଣୁ ରହିତ କରାଯିବା ଉଚିତ୍ ।

❖ ଶାମୁକାର ଆକାର ଅନୁସାରେ ତଦନୁରୂପ ଆକାରର ବାହ୍ୟବସ୍ତୁ ବ୍ୟବହାର କରାଯାଇଥାଏ ।

## ନ୍ୟୁକ୍ଲିୟସ୍ ସିଡ୍ସ୍ କ'ଣ ?

ଏହା ଶାମୁକା ପାଉଡର, ମାର୍ବଲ ପାଉଡର ଓ କେମିକାଲ (Araldite)ର ମିଶ୍ରଣରେ ତିଆରି କରାଯାଏ । ଏହାର ମୂଲ୍ୟ ୨ -୩ଟଙ୍କାରୁ ନେଇ ୩୦ ଟଙ୍କା ପର୍ଯ୍ୟନ୍ତ ମିଳିଥାଏ ।

Operation ମାଧ୍ୟମରେ Necleus Seedsକୁ ଛାଡିବାର ୪୮ ଘଣ୍ଟା ପରେ Antibiotic Treatment କରିବାକୁ ପଡିଥାଏ । Calvam 625mgକୁ ୨୦ ଲିଟର ପାଣିରେ ମିଶାଇ ସିଞ୍ଚନ କରାଯାଏ ।

ପୋଖରୀରେ ଶାମୁକା ଗୁଡିକ ଛାଡିଲା ବେଳେ ଧ୍ୟାନ ଦେବେ ଯେପରି ଶାମୁକା ଗୁଡ଼ିକ ୩ ଫୁଟ ଗଭୀର ପାଣି ଭିତରେ ରହିବେ । ଏହାକୁ କରିବା ପାଇଁ ଶାମୁକା ଗୁଡ଼ିକୁ ସୁତା ସାହାଯ୍ୟରେ ବାନ୍ଧି ଏକ ପ୍ଲାଷ୍ଟିକ୍ ବୋତଲ ସାହାଯ୍ୟରେ ପୋଖରି ଭିତରକୁ ଛଡାଯାଏ । ଯେପରି ଶାମୁକା ଗୁଡିକ ପାଣି ଭିତରେ ସମାନ ୩ଫୁଟ ଗଭୀରରେ ରହିବ ଓ ବୋତଲ ଗୁଡ଼ିକ ପାଣି ଉପରେ ଭାସି ରହିବ । ଶାମୁକା ଛାଡିବାର ୩ ଦିନ ପରେ ଏହାକୁ ତଦାରଖ କରାଯାଏ । ମରିଥିବା ଶାମୁକା ଗୁଡ଼ିକୁ ବାହାର କରଦିଆଯାଏ । କାରଣ ମଲା ଶାମୁକା ରହିଲେ ପାଣି ପ୍ରଦୂଷିତ ହେବ ଏବଂ ଅନ୍ୟ ଶାମୁକାକୁ କ୍ଷତି ହୋଇଥାଏ ।

## ମଲା ଶାମୁକାକୁ ଚିହ୍ନଟ କରିବେ କିପରି ?

ମଲା ଶାମୁକା ମୁହଁଟା ଟିକେ ଖୋଲି ହୋଇଯାଏ । ଏହା ଭିତରେ ପାଣି ପଶି ଶାମୁକା ଭିତରେ ଥିବା ମାଂସାଳିଆ ଅଂଶ ପଚିଯାଏ । ଏହା ଦ୍ୱାରା ଜୀବାଣୁ ପାଣି ଭିତରେ ବ୍ୟାପିଥାଏ ।

## ଖାଦ୍ୟ ଓ ସାରର ବ୍ୟବହାର:

ଶାମୁକା ଗୁଡ଼ିକୁ ଛାଡିବା ପରେ ଖାଦ୍ୟସାର ପ୍ରୟୋଗ କରାଯାଏ । ଶାମୁକା କୃଷି ପାଇଁ ଖାଦ୍ୟସାର ପ୍ରୟୋଗ ନିତ୍ୟାନ୍ତ ଦରକାର । ଏକ ୨୦' × ୨୦' ପୋଖରୀରେ ପ୍ରାୟ ୨୦୦୦ ଶାମୁକା ଛଡାଯାଏ । ଏହା ପାଇଁ ନିମ୍ନ ଲିଖିତ ଖାଦ୍ୟସାର ହେଲା –

୧) ପିଡିଆ– ୨ କେଜି

୨) ଗୋବର– ୪ କେଜି

୩) ୟୁରିଆ– ୨ କେଜି

୪) ଫସଫରସ୍ –୨୫୦ ଗ୍ରାମ୍

୫) ପଟାସ୍– ୧୦୦ଗ୍ରାମ୍

ଏକ ପାତ୍ରରେ ଉପର ଲିଖିତ ଖାଦ୍ୟସାରକୁ ମିଶ୍ରଣ କରି ପୋଖରୀରେ ସିଞ୍ଚନ କରାଯାଏ । ପ୍ରତି ୧ ମାସ ଓ ୨ ମାସ ଅନ୍ତରରେ ଉପର ଲିଖିତ ଖାଦ୍ୟ ସାରକୁ ବ୍ୟବହାର କରାଯାଏ । ଏହାକୁ ଦେବା ଫଳରେ ଶାମୁକାର ବୃଦ୍ଧି ହେବା ସଙ୍ଗେସଙ୍ଗେ Planktonର ମଧ୍ୟ ବୃଦ୍ଧି ହୁଏ । Plankton ଶାମୁକା ବୃଦ୍ଧି ଓ ତା'ର ଖାଦ୍ୟ ପରି କାମ କରିଥାଏ ।

## ସାମୁକାର ରୋଗ ପରିଚାଳନା :

ଶାମୁକା ଗୁଡ଼ିକ ପାଣିରେ ଥିବା ବେଳେ କିଛି ନଷ୍ଟ ହୋଇଯାନ୍ତି । ଏହାକୁ ରୋକିବା ପାଇଁ ହଳଦୀ ପାଣିରେ ମିଶାଇ ସିଞ୍ଚନ କରାଯାଏ । ପ୍ରଥମେ ଶାମୁକା ଛାଡିଲା ବେଳେ ଏକ ଚାମଚ ହଳଦୀ ୧୦ ଲିଟର ପାଣିରେ ମିଶାଯାଏ ଏବଂ ମିଶ୍ରିତ ପାଣିରେ ଭଲଭାବେରେ Treatment କରାଯାଏ । ପ୍ରତି ୫ ଦିନ ଅନ୍ତରରେ ଏହାକୁ ପରୀକ୍ଷା କରାଯାଏ । ମଲା ଶାମୁକା ଗୁଡ଼ିକ ପାଣିରୁ ବାହାର କରିଦିଆଯାଏ । କାରଣ ଏହା ରହିଲେ ଅନ୍ୟ ଶାମୁକାକୁ

କ୍ଷତି ହୋଇଥାଏ । ଛାଡିବାର ୪୮ ଘଣ୍ଟା ପରେ Calvam 625mg Antibiotic କୁ ୨୦ ଲିଟର ପାଣିରେ ମିଶାଇ ସିଞ୍ଚନ କରାଯାଏ । ମରିଯାଇଥିବା ଶାମୁକାକୁ ପାଣିରୁ ବାହାର କରିଦିଆଯାଏ । ପ୍ରତି ୩ମାସ ଅନ୍ତରରେ ଏହାକୁ ପ୍ରୟୋଗ କରାଯାଏ ।

## ମୋତି ଚାଷ ସହ ମାଛ ଚାଷ କରିହେବ କି ନାହିଁ ?

ମୋତି ଚାଷ ସହିତ ମାଛ ଚାଷ କରିହେବ । ପରୀକ୍ଷାରୁ ଦେଖାଯାଇଛି ଯେ ୨୦' × ୨୦' ପୋଖରୀରେ ମୋତି ଚାଷ ସହିତ ପୋହଳା ମାଛ ଚାଷ କରିହେବ । ଏଥିପାଇଁ ୨ କେଜି ପୋହଳା ମାଛ ଜାଆଁଳ ଛଡ଼ାଯାଏ । ଯେଉଁ ପୋଖରୀରେ 'କାର୍ପ' ଜାତୀୟ ମାଛଚାଷ ହୋଇପାରେ, ସେଭଳି ପୋଖରୀରେ ଶାମୁକା ପାଳନ ମଧ୍ୟ ହୋଇ ପାରିବ ।

## ଅମଳ :

ଶାମୁକା ଛାଡିବାର ୧୨-୧୩ ମାସ ପରେ ସାଧାରଣତଃ ମୋତି ଗୁଡ଼ିକ ପ୍ରସ୍ତୁତ ହୋଇ ଯାଇଥାଏ । ଏହାକୁ ଅମଳ କଲା ପରେ ମୋତି ପରୀକ୍ଷାଗାରକୁ ପଠାଯାଏ । ପରୀକ୍ଷାଗାରରେ ଏହାର ମାନ ପରୀକ୍ଷା କରି Grading କରାଯାଏ । ବଜାରରେ ଗ୍ରେଡ୍ ଅନୁସାରେ ମୋତି ମୂଲ୍ୟ ନିରୂପଣ କରାଯାଏ ।

ଗ୍ରେଡ୍ ଏ- ଟ.୩୦୦/-

ଗ୍ରେଡ୍ ବି- ଟ.୨୦୦/-

ଗ୍ରେଡ୍ ସି- ଟ.୧୦୦/-

## ଲାଭ ଓ କ୍ଷତି:

୧୦୦୦ ମୋତି ପାଇଁ ଏକ ଲାଭକ୍ଷତି ଆକଳନ କରାଯାଇଛି । ଏକ ହଜାର ଶାମୁକାରୁ ମୋତି ପାଇା ପାଇଁ ପ୍ରାୟ ଟ.୩୫୦୦/- ଖର୍ଚ୍ଚ ହୋଇଥାଏ । ଏକହଜାର ଶାମୁକାରୁ ପ୍ରାୟ ୨୦୦୦ ମୋତି ମିଳିଥାଏ । ଏହାର ଲାଭ ଆମ ଗ୍ରେଡ୍ ଅନୁସାରେ ମିଳିଥାଏ ।

ଗ୍ରେଡ୍ 'ଏ' ଲାଭ– ଟ. ୬ ଲକ୍ଷ

ଗ୍ରେଡ୍ 'ବି' ଲାଭ– ଟ. ୪ ଲକ୍ଷ

ଗ୍ରେଡ୍ 'ଏ' ଲାଭ– ଟ. ୨ ଲକ୍ଷ

## ଏହି ଚାଷ ପାଇଁ ଚାଷୀ ଭାଇମାନେ କେଉଁ ଅନୁଷ୍ଠାନରୁ ତାଲିମ୍ ନେଇ ପାରିବେ ?

ଏହି ଚାଷ ପାଇଁ ଚାଷୀ ଭାଇମାନେ ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ର, ଯାଜପୁର କିମ୍ବା CIFAରୁ ମଧ୍ୟ ତାଲିମ୍ ନେଇପାରିବେ ।

